# NATIONAL NEWS BULLETIN (ODIA)

**20 February - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ଅବସରରେ ଭାରତ ଓ ଆମେରିକା ମଧ୍ୟରେ ପାକ୍ସ ସିଲିକା ଘୋଷଣାନାମା ସ୍ୱାକ୍ଷରିତ ।

- ନୂଆଦିଲ୍ଲୀର ସେବାତୀର୍ଥରେ ଏଆଇ ଏବଂ ଡିପ୍‌ଟେକ୍ ଷ୍ଟାର୍ଟ୍ଅପ୍‌ର ମୁଖ୍ୟମାନଙ୍କ ସହ ବୈଠକରେ କୃଷି, ପରିବେଶ ଓ ମାତୃଭାଷାରେ ଶିକ୍ଷା ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।

- ବିଜ୍ଞାନ ସମର୍ଥିତ ପ୍ରଶାସନ ବିକାଶ ପାଇଁ ବାଧକ ନୁହେଁ ବରଂ ସମାଧାନର ସୂତ୍ର କହିଲେ ଜାତିସଂଘ ମହାସଚିବ ।

- ଆସାମରେ ଭାଇବ୍ରାଣ୍ଟ ଭିଲେଜ ପ୍ରୋଗ୍ରାମର ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ କରିବେ ସ୍ୱରାଷ୍ଟ୍ରମନ୍ତ୍ରୀ ।

ଏବଂ

- ଆଇସିସି ଟି୨୦ ପୁରୁଷ ବିଶ୍ୱକପ୍ କ୍ରିକେଟ୍‌ରେ ଆଜି ଅନୁଷ୍ଠିତ ହେବ ଅଷ୍ଟ୍ରେଲିଆ ଓ ଓମାନ ମଧ୍ୟରେ ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ।

# ପାକ୍ସ ସିଲିକା-ଇଣ୍ଡିଆ

ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ଅବସରରେ ଆଜି ନୂଆଦିଲ୍ଲୀରେ ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ପାକ୍ସ ସିଲିକା ଘୋଷଣାନାମା ସ୍ୱାକ୍ଷରିତ ହୋଇଛି । ଏହି ଘୋଷଣାନାମା ବିରଳ ଖଣିଜ ଏବଂ ସେମିକଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ ବିଭିନ୍ନ ସମ୍ମିଳିତ ଉଦ୍ୟମକୁ ସହାୟକ ହେବ । କୃତ୍ରିମ ବୁଦ୍ଧିମତାର ଯେଉଁଭଳି ଅଗ୍ରଗତି ହେଉଛି ସେହି ପୃଷ୍ଠଭୂମିରେ ଏକ ନିରାପଦ ଓ ଦୃଢ଼ ବିଶ୍ୱସ୍ତରୀୟ ସିଲିକନ ଓ ପ୍ରଯୁକ୍ତିବିଦ୍ୟା ଇକୋ ସିଷ୍ଟମ ସୃଷ୍ଟି କରିବା ଦିଗରେ ମଧ୍ୟ ଏହା ସହାୟକ ହେବ ।

ଘୋଷଣାନାମା ସ୍ୱାକ୍ଷର ଉତ୍ସବରେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ସେମି କଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ଶିଳ୍ପରେ ବିଶ୍ୱସ୍ତରରେ ନେତୃତ୍ୱ ନେବାପାଇଁ ଭାରତ ଲକ୍ଷ୍ୟ ରଖିଛି । ଶ୍ରୀ ବୈଷ୍ଣବ କହିଛନ୍ତି ଭାରତର କୁଶଳୀ ଇଞ୍ଜିନିୟରମାନେ ୨ଟି ଅତ୍ୟାଧୁନିକ ଓ ଜଟିଳ ନାନୋମିଟର ଚିପ୍ ବିକଶିତ କରୁଛନ୍ତି । ସେ କହିଛନ୍ତି ସେମିକଣ୍ଡକ୍ଟର ଶିଳ୍ପ ପାଇଁ ଆଗାମୀ ଦିନରେ ୧୦ଲକ୍ଷ କୁଶଳୀ ଇଞ୍ଜିନିୟରଙ୍କର ଆବଶ୍ୟକତା ପଡିବ । ୩୧୫ଟି ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଚିପ୍ ଡିଜାଇନ କାର୍ଯ୍ୟରେ ନିୟୋଜିତ ଅଛନ୍ତି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

**V/O (Ashwini Baishnab)**

ଘୋଷଣାନାମା ସ୍ୱାକ୍ଷର ଉତ୍ସବରେ ଭାରତରେ ଅବସ୍ଥାପିତ ଆମେରିକୀୟ ରାଷ୍ଟ୍ରଦୂତ ସର୍ଜିଓ ଗୋର୍ କହିଛନ୍ତି ଭାରତ ଓ ଆମେରିକା ମଧ୍ୟରେ ପାକ୍ସ ସିଲିକା ବୁଝାମଣାଠାରୁ ଆରମ୍ଭ କରି ପ୍ରତିରକ୍ଷା ଶିଳ୍ପ ସହଯୋଗ କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ବ୍ୟାପକ ସୁଯୋଗ ରହିଛି । ଏକବିଂଶ ଶତାବ୍ଦୀର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦୁଇଦେଶ ମଧ୍ୟରେ ଏହି ସହଭାଗିତାର ଲକ୍ଷ୍ୟଥିବା ଶ୍ରୀ ଗୌର କହିଛନ୍ତି ।

# ପିଚାଇ - ପାକ୍ସ ସିଲିକା

ଗୁଗୁଲ ଏବଂ ଆଲ୍‌ଫାବେଟ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନ୍ଦର ପିଚାଇ କହିଛନ୍ତି ଭାରତ ଏବଂ ଆମେରିକା ମଧ୍ୟରେ ଏକ ସଂଯୋଗକାରୀ ଭାବରେ କାର୍ଯ୍ୟ କରିବା ନେଇ ଗୁଗୁଲ ଗର୍ବିତ । ଭାରତ ଏଆଇ ପ୍ରଭାବ ସମ୍ମିଳନୀରେ ଭାରତ ଏବଂ ଆମେରିକା ମଧ୍ୟରେ ପାକ୍ସ ସିଲିକା ଘୋଷଣାନାମା ସ୍ୱାକ୍ଷର ସମାରୋହରେ ଶ୍ରୀ ପିଚାଇ କହିଛନ୍ତି ଭାରତ-ଆମେରିକା ଭାଗିଦାରିତା ପରିବର୍ତ୍ତନଶୀଳ ଏଆଇ ଭବିଷ୍ୟତକୁ ଆକାର ଦେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ସେ ସବୁଠାରେ ସମସ୍ତଙ୍କ ଫାଇଦା ପାଇଁ ଏଆଇର ଉପଲବ୍ଧତା ଉପରେ ଉଭୟ ଦେଶ ମିଳିତ ଭାବେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ଗୁଗୁଲ ସିଇଓ କହିଛନ୍ତି ପାକ୍ସ ସିଲିକା ଉଭୟ ଦେଶ ମଧ୍ୟରେ ପ୍ରମୁଖ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରଗୁଡ଼ିକୁ ନିରାପଦ, ସୁରକ୍ଷିତ ଏବଂ ଉତ୍ସାହିତ କରିବ ।

# ପିଏମ୍-ଷ୍ଟାଟ୍‌ଅପ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ସେବାତୀର୍ଥରେ ଏଆଇ ଏବଂ ଡିପ୍‌ଟେକ୍ ଷ୍ଟାଟ୍‌ଅପ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ସହ ଗୋଲଟେବୁଲ ବୈଠକ କରିଛନ୍ତି । ବୈଠକରେ ପ୍ରଧାନମନ୍ତ୍ରୀ କୃଷି, ପରିବେଶ ସୁରକ୍ଷା ଏବଂ ମାତୃଭାଷାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଏଆଇ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି । ଶ୍ରୀ ମୋଦୀ ଭାରତର ଆବଶ୍ୟକତା ଅନୁଯାୟୀ ତଥ୍ୟ ପରିଚାଳନା ଏବଂ ଅମୂଳକ ସୂଚନା ବିରୋଧରେ ସତର୍କତା ରକ୍ଷା ଲାଗି ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି କହିଛନ୍ତି । ପ୍ରଧାନମନ୍ତ୍ରୀ ଭାରତର ଦେୟ ବ୍ୟବସ୍ଥା ୟୁପିଆଇକୁ ଏକ ସରଳ ଏବଂ ସହଜ ଡିଜିଟାଲ ନବସୃଜନ ବୋଲି ଅଭିହିତ କରି ଭାରତୀୟ କମ୍ପାନୀ ଗୁଡ଼ିକ ଉପରେ ଆସ୍ଥାସ୍ଥାପନ କରିଛନ୍ତି । ସେ ମହାକାଶ କ୍ଷେତ୍ରରେ ଘରୋଇ ଯୋଗଦାନ ଏବଂ ଭାରତୀୟ ଷ୍ଟାଟ୍‌ଅପ୍ ଗୁଡ଼ିକରେ ନିବେଶ ଉପରେ ଗୁରୁତ୍ୱ ଦେଇଛନ୍ତି । ଏହି ଗୋଲଟେବୁଲ ବୈଠକରେ ୧୬ଟି କୃତ୍ରିମ ବୁଦ୍ଧିମତା ସମ୍ପନ୍ନ କମ୍ପାନୀ ଓ ଡିପ୍‌ଟେକ୍ ଷ୍ଟାଟ୍‌ଅପର ପ୍ରତିଷ୍ଠାତା ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ । ସମାଜର ପ୍ରତ୍ୟେକଟି କ୍ଷେତ୍ରରେ ପ୍ରଭାବ ଆଣିବା ଲାଗି ଏଆଇକୁ ସ୍ୱାସ୍ଥ୍ୟସେବା, କୃଷି, ସାଇବର ସୁରକ୍ଷା, ମହାକାଶ ଏବଂ ସାମାଜିକ ସଶକ୍ତିକରଣ କ୍ଷେତ୍ରରେ ବ୍ୟବହାର ନେଇ ମତାମତ ପ୍ରକାଶ ପାଇଥିଲା । ପ୍ରଧାନମନ୍ତ୍ରୀ ସେମାନଙ୍କ ପଦକ୍ଷେପ ଲାଗି ଶୁଭେଚ୍ଛା ଜଣାଇଥିଲେ ।

# ଆଣ୍ଟୋନିଓ ଗୁଟେରସ-ଏଆଇ ସମିଟ

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ କହିଛନ୍ତି ବିଜ୍ଞାନ ସମର୍ଥିତ ପ୍ରଶାସନ ବିକାଶ ପାଇଁ ବାଧକ ନୁହେଁ ବରଂ ସମସ୍ତ ପ୍ରତିବନ୍ଧକର ସମାଧାନର ସୂତ୍ର । ନୂଆଦିଲ୍ଲୀରେ ଆଜି ଭାରତ ଏଆଇ ପ୍ରଭାବ ସମ୍ମିଳନୀରେ ଶ୍ରୀ ଗୁଟେରସ କହିଛନ୍ତି ଏଆଇ ସହାୟତାରେ ଦ୍ରୁତଗତିରେ କାର୍ଯ୍ୟ କରାଯାଇପାରିବ । ପିଲାମାନଙ୍କ କ୍ଷେତ୍ରରେ ସୃଷ୍ଟି ହେଉଥିବା ବିପଦଠାରୁ ଆରମ୍ଭ କରି ଶ୍ରମ ମାର୍କେଟ ପର୍ଯ୍ୟନ୍ତ, ପ୍ରତ୍ୟେକଟି କ୍ଷେତ୍ରରେ ଏଆଇ ଦ୍ୱାରା ସହଜରେ ସମାଧାନର ସୂତ୍ର ବାହାର କରାଯାଇପାରିବ ।

# ମିଜୋରାମ-ଭିପି ପିଏମ୍ ଆଣ୍ଡ୍ ଏଚ୍ଏମ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମିଜୋରାମ ଓ ଅରୁଣାଚଳ ପ୍ରଦେଶର ପ୍ରତିଷ୍ଠା ଦିବସ ଅବସରରେ ସମ୍ପୃକ୍ତ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଉଭୟ ରାଜ୍ୟ ପ୍ରାକୃତିକ ସମ୍ବଳ, ଅନନ୍ୟ ସାଂସ୍କୃତିକ ଐତିହ୍ୟ ଓ ଲୋକକଳା ପାଇଁ ସମୃଦ୍ଧ । ସାମାଜିକ ଗଣମାଧ୍ୟମରେ ଉପରାଷ୍ଟ୍ରପତି କହିଛନ୍ତି ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପାହାଡ଼ ପର୍ବତ, ବିଭିନ୍ନ ପ୍ରକାରର ବୃକ୍ଷ ଓ ବିସ୍ତୃତ ବନାଞ୍ଚଳ ଉଭୟ ରାଜ୍ୟ ପାଇଁ ଆଶୀର୍ବାଦ ସଦୃଶ । ଏହାବ୍ୟତୀତ ସାକ୍ଷରତା ହାର ଜୀବନ୍ତ ସଂସ୍କୃତି, ସାମାଜିକ ବିକାଶ ଓ ଗୋଷ୍ଠୀଗତ ସଂହତି ଆଦି କ୍ଷେତ୍ରରେ ମିଜୋରାମ ଏକ ଆଗୁଆ ରାଜ୍ୟ ବୋଲି ଉପରାଷ୍ଟ୍ରପତି କହିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଅରୁଣାଚଳ ପ୍ରଦେଶ ଓ ମିଜୋରାମର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପୁରାତନ ସଂସ୍କୃତିକୁ ପ୍ରଶଂସା କରିଛନ୍ତି । ଉଭୟ ରାଜ୍ୟର ସମୃଦ୍ଧ ଐତିହ୍ୟ ତା' ର ଚାଲିଚଳନରେ, ସଂଗୀତରେ ଏବଂ ଦୈନନ୍ଦିନ ଜୀବନଚର୍ଯ୍ୟାରେ ପ୍ରତିଫଳିତ ହୋଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଅରୁଣାଚଳ ପ୍ରଦେଶ ଓ

ମିଜୋରାମର ପ୍ରତିଷ୍ଠା ଦିବସ ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଶାନ୍ତି, ବିକାଶ ଓ ସମୃଦ୍ଧି କାମନା କରିଛନ୍ତି ।

# ଶାହା-ଆସାମ ଭିଜିଟ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଆସାମର କାଚାକ୍ ଜିଲ୍ଲାରେ ଭାଇବ୍ରାଣ୍ଟ ଭିଲେଜ୍ ପ୍ରୋଗ୍ରାମ୍-୨ର ଶୁଭାରମ୍ଭ କରିବେ । ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ ଦୃଷ୍ଟିକୋଣକୁ ସାକାର କରିବା ଲାଗି ସୀମାବର୍ତ୍ତୀ ଗ୍ରାମଗୁଡ଼ିକୁ ସୁଦୃଢ଼ କରିବା ଏବଂ ସେହି ଅଞ୍ଚଳରେ ସମାବେଶୀ ବିକାଶକୁ ପ୍ରୋତ୍ସାହନ ଦେବା ସହିତ ନିରନ୍ତର ଜୀବନଜୀବିକା ସୁଯୋଗ ସୃଷ୍ଟି କରିବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ସମ୍ପୃକ୍ତ ଅଞ୍ଚଳରେ ଅତ୍ୟାବଶ୍ୟକୀୟ ଭିତ୍ତିଭୂମିରେ ଉନ୍ନତି ଆଣିବା, ମୌଳିକ ସେବା ଉପଲବ୍ଧତା ବୃଦ୍ଧି କରିବା ସହିତ ସୀମାବର୍ତ୍ତୀ ସମ୍ପ୍ରଦାୟ ଗୁଡ଼ିକୁ ସମୃଦ୍ଧ କରି ବିକଶିତ ଭାରତ ଦୃଷ୍ଟିକୋଣ ସହିତ ସଂଯୋଗ କରିବା ଦିଗରେ ଏହି କାର୍ଯ୍ୟକ୍ରମ ସହାୟକ ହେବ । ଏହାଦ୍ୱାରା ସୀମା ସୁରକ୍ଷା, ସୀମାପାର ଅପରାଧକୁ ରୋକିବା ଏବଂ ଆଭ୍ୟନ୍ତରୀଣ ସୁରକ୍ଷାକୁ ମଜବୁତ କରାଯାଇପାରିବ । ଏହି କେନ୍ଦ୍ରୀୟ କ୍ଷେତ୍ର ଯୋଜନାର ବ୍ୟୟ ଅଟକଳ ୨୦୨୮-୨୯ ଆର୍ଥିକ ବର୍ଷ ସୁଦ୍ଧା ୬ ହଜାର ୮୩୯ କୋଟି ଟଙ୍କା ରହିଛି । ଭାଇବ୍ରାଣ୍ଟ ଭିଲେଜ୍ ପ୍ରୋଗ୍ରାମ୍ -୨ କାର୍ଯ୍ୟକ୍ରମକୁ ଦେଶର ୧୫ଟି ରାଜ୍ୟ ଓ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳରେ କାର୍ଯ୍ୟକାରୀ କରାଯିବ ।

# ମେଘାଳୟ ଏମ୍‌ପି ଡେଥ୍

ମେଘାଳୟର ସିଲଂ ସଂସଦୀୟ କ୍ଷେତ୍ରର ସାଂସଦ ଡକ୍ଟର ରିକି ଏ.ଜେ ସିଂକନଙ୍କର ୫୪ ବର୍ଷ ବୟସରେ ପରଲୋକ ଘଟିଛି । ଭିପିପି ଦଳର ଏହି ଯୁବ ସାଂସଦ ମାଇଓ୍ୱାଙ୍ଗରେ ଗତକାଲି ସଂଧ୍ୟାରେ ଫୁଟବଲ ଜାତୀୟ ଏକ କ୍ରୀଡ଼ା ଫୁଟସାଲ ଖେଳୁଥିବାବେଳେ ତାଙ୍କର ହୃଦ୍‌ଘାତ ହୋଇଥିଲା । ପରେ ତାଙ୍କୁ ହସ୍ପିଟାଲରେ ମୃତ ଘୋଷଣା କରାଯାଇଥିଲା । ଡକ୍ଟର ସିଂକନଙ୍କ ଅକାଳ ବିୟୋଗରେ ମେଘାଳୟରେ ଶୋକର ଛାୟା ଖେଳିଯାଇଛି ।

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ତାଙ୍କ ଶୋକବାର୍ତ୍ତାରେ ଡକ୍ଟର ସିଂକନ ମେଘାଳୟବାସୀଙ୍କ ଆଶା ଆକାଂକ୍ଷା ପୂରଣ ଓ ଜନସାଧାରଣଙ୍କ କଲ୍ୟାଣ ପାଇଁ ସର୍ବଦା ଉତ୍ସର୍ଗୀକୃତ ଥିଲେ ବୋଲି କହିଛନ୍ତି । ଉପରାଷ୍ଟ୍ରପତି ତାଙ୍କ ପରିବାର ଓ ସମର୍ଥକଙ୍କ ପ୍ରତି ସମବେଦନା ଜ୍ଞାପନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡକ୍ଟର ସିଂକନଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ କହିଛନ୍ତି ଜନସାଧାରଣଙ୍କ ପାଇଁ ତାଙ୍କର ଉତ୍ସର୍ଗୀକୃତ ସେବା ଲାଗି ସେ ସର୍ବଦା ସ୍ମରଣୀୟ ହୋଇ ରହିବେ ।

# ଇସି-ଏସ୍ଆଇଆର୍

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମ୍ପର୍କିତ ପ୍ରସ୍ତୁତି କାର୍ଯ୍ୟକୁ ସମ୍ପନ୍ନ କରିବା ଲାଗି ନିର୍ବାଚନ ଆୟୋଗ ଓଡ଼ିଶା ସମେତ ଦେଶର ୨୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ହେଲା – ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଚଣ୍ଡିଗଡ଼, ଦାଦର ନଗର ହାବେଳି, ଡାମନ ଓ ଡିଉ, ହରିଆଣା, ହିମାଚଳ ପ୍ରଦେଶ, ଜାମ୍ମୁ କାଶ୍ମୀର, ଝାଡ଼ଖଣ୍ଡ, କର୍ଣ୍ଣାଟକ, ଲଦାଖ, ମହାରାଷ୍ଟ୍ର, ମଣିପୁର, ମେଘାଳୟ, ମିଜୋରାମ୍, ନାଗାଲାଣ୍ଡ, ଦିଲ୍ଲୀ, ପଞ୍ଜାବ, ସିକ୍କିମ୍, ତ୍ରିପୁରା, ତେଲଙ୍ଗାନା ଓ ଉତ୍ତରାଖଣ୍ଡ । ଆଗାମୀ ଏପ୍ରିଲ୍ ମାସରୁ ଏହି ପ୍ରକ୍ରିୟା ଆରମ୍ଭ ହେବାର ସମ୍ଭାବନା ଥିବାରୁ ଏଥିଲାଗି ପ୍ରାରମ୍ଭିକ କାର୍ଯ୍ୟ ଶେଷ କରିବା ଲାଗି ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଏହି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଚାଲୁ ରହିଛି ବୋଲି ଆୟୋଗ କହିଛନ୍ତି ।

# କ୍ରିକେଟ୍

ଆଇ.ସି.ସି. ଟି-ଟ୍ୱେଣ୍ଟି ପୁରୁଷ ବିଶ୍ୱକପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଆଜି ଗ୍ରୁପ୍ ପର୍ଯ୍ୟାୟ ଅନ୍ତିମ ମ୍ୟାଚ୍ ଖେଳାଯିବ । ଶ୍ରୀଲଙ୍କାର ପାଲେକେଲେ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଗ୍ରୁପ୍-ବି' ର ଏକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ-ଓମାନ୍ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ ।

ଆଜିର ଶେଷ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ପରେ ଆସନ୍ତାକାଲି ଠାରୁ ସୁପର -୮ ପର୍ଯ୍ୟାୟ ଆରମ୍ଭ ହେବ । ଏହି ପର୍ଯ୍ୟାୟର ପ୍ରଥମ ଗ୍ରୁପ୍‌ରେ - ଭାରତ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ ଓ ଜିମ୍ବାୱେ ଥିବାବେଳେ ଦ୍ୱିତୀୟ ଗ୍ରୁପ୍‌ରେ ଶ୍ରୀଲଙ୍କା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ରହିଛି । ଆସନ୍ତାକାଲି ସଂଧ୍ୟା ୭ଟାରେ ଶ୍ରୀଲଙ୍କାର ଆର୍ ପ୍ରେମାଦାଶ ଷ୍ଟାଡିୟମରେ ପାକିସ୍ତାନ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଭାରତ ତା' ର ପ୍ରଥମ ସୁପର-୮ ମ୍ୟାଚ୍‌ରେ ଆସନ୍ତା ରବିବାର ଦିନ ଦକ୍ଷିଣଆଫ୍ରିକା ବିରୋଧରେ ମ୍ୟାଚ୍ ଖେଳିବ ।